# NATIONAL NEWS BULLETIN (ODIA)
## 29th March - 2026
## Evening Bulletin : 7.15 p.m.

*********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ସରିତା ସାହୁ**

## ମୁଖ୍ୟ ସମ୍ବାଦ

- ପଶ୍ଚିମ ଏସିଆରେ ସୃଷ୍ଟ ପରିସ୍ଥିତିର ମୁକାବିଲା ଲାଗି ନାଗରିକଙ୍କୁ ଏକଜୁଟ୍ ହେବାପାଇଁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ ।

— ମନ୍ କୀ ବାତ୍ କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ାର ଓମ୍ ପ୍ରକାଶ ରଥ ଓ ସମ୍ବଲପୁରର ସୁଜାତା ଭୂୟାଁଙ୍କୁ କଲେ ପ୍ରଶଂସା ।

- କେରଳରେ ପ୍ରଧାନମନ୍ତ୍ରୀଙ୍କ ନିର୍ବାଚନ ପ୍ରଚାର; କେନ୍ଦ୍ର ସରକାରଙ୍କ ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱାରୋପ ।
- ଗତ ୧୦ ବର୍ଷ ମଧ୍ୟରେ ଆସାମ ଉଗ୍ରବାଦମୁକ୍ତ ହୋଇପାରିଛି; ସୂଚନା ଦେଲେ କେନ୍ଦ୍ରମନ୍ତ୍ରୀ ଅମିତ ଶାହା ।
- ଆଫଗାନିସ୍ତାନରେ ବନ୍ୟା ଓ ଭୂସ୍ଖଳନରେ ୧୭ ଜଣଙ୍କର ମୃତ୍ୟୁ; ୨୬ ଆହତ ।

ଏବଂ

- ଆଇ.ପି.ଏଲ୍. କ୍ରିକେଟ୍‌ରେ ଆଉ କିଛି ସମୟ ପରେ ମୁମ୍ବାଇ ଇଣ୍ଡିଆନ୍ସ ଏବଂ କୋଲ୍‌କାତା ନାଇଟ୍ ରାଇଡର୍ସ ମଧ୍ୟରେ ହେବ ମୁକାବିଲା ।

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପଶ୍ଚିମ ଏସିଆ ପରିସ୍ଥିତି ଉପରେ ଚିନ୍ତା ପ୍ରକଟ କରି କହିଛନ୍ତି, ପେଟ୍ରୋଲ ଏବଂ ଡିଜେଲ ନେଇ ସାରା ବିଶ୍ୱରେ ସଙ୍କଟ ସୃଷ୍ଟି ହୋଇଛି। ଆକାଶବାଣୀର 'ମନ୍ କି ବାତ୍' କାର୍ଯ୍ୟକ୍ରମରେ ଆଜି ଦେଶବାସୀଙ୍କୁ ସମ୍ବୋଧିତ କରି ଶ୍ରୀ ମୋଦୀ କହିଛନ୍ତି, ମଧ୍ୟପ୍ରାଚ୍ୟ ଅଞ୍ଚଳ ଭାରତର ଶକ୍ତି ଆବଶ୍ୟକତାର ଏକ ପ୍ରମୁଖ କେନ୍ଦ୍ର ହୋଇଥିବାରୁ ଏହା ଏକ ଆହ୍ୱାନପୂର୍ଣ୍ଣ ସମୟ। ଏହି ପରିସ୍ଥିତିର ମୁକାବିଲା ଲାଗି ସମସ୍ତ ନାଗରିକଙ୍କୁ ଏକଜୁଟ ହେବା ପାଇଁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି ।

ପ୍ରଧାନମନ୍ତ୍ରୀ ମୋଦୀ 'ଜ୍ଞାନ ଭାରତମ୍' ଆପ୍ ଜରିଆରେ ସର୍ବେକ୍ଷଣ ଉପରେ ଆଲୋକପାତ କରିଥିଲେ, ଯାହା ଭାରତର ମହାନ ସଂସ୍କୃତି ଏବଂ ଐତିହ୍ୟକୁ ପ୍ରଦର୍ଶିତ କରିବା ଲାଗି ଜନସାଧାରଣଙ୍କ ଅଂଶଗ୍ରହଣ ଭାବନାକୁ ପ୍ରତିଫଳିତ କରୁଛି।

ରାଷ୍ଟ୍ର ନିର୍ମାଣର ଦାୟିତ୍ୱ ନିର୍ବାହ କରିବାରେ 'ମାଇ ଭାରତ' ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି ବୋଲି ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି । ଦେଶର ଯୁବକମାନଙ୍କୁ ବିଭିନ୍ନ ସକାରାତ୍ମକ କାର୍ଯ୍ୟକଳାପ ସହିତ ଯୋଡ଼ିବା ପାଇଁ ସେ ଏହି ସଙ୍ଗଠନକୁ ପ୍ରଶଂସା କରିଥିଲେ।

ଓଡ଼ିଶାର କେନ୍ଦ୍ରାପଡ଼ା ଜିଲ୍ଲାର ଓମ ପ୍ରକାଶ ରଥଙ୍କୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଛନ୍ତି । 'ମାଇଁ ଭାରତ' ଅନୁଷ୍ଠାନ ସହ ଜଡ଼ିତ ଥିବା ଛାତ୍ର ଓମ୍ ପ୍ରକାଶ ମହିଳା ସଶକ୍ତୀକରଣ ଉପରେ ଲେଖିଥିବା ଏକ ନିବନ୍ଧ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲା ।

ରନ୍ଧନ ତୈଳ ଉପଯୋଗିତାକୁ ୧୦ ପ୍ରତିଶତ ହ୍ରାସ କରିବାର ଆବଶ୍ୟକତା ଉପରେ ମଧ୍ୟ ଶ୍ରୀ ମୋଦୀ ଗୁରୁତ୍ୱାରୋପ କରିଥିଲେ। ସେ କହିଛନ୍ତି, ଏହି ଛୋଟ ପ୍ରୟାସ ମୋଟାପଣ ଏବଂ ଜୀବନଶୈଳୀ ଜନିତ ରୋଗକୁ ଦୂରେଇ ରଖିବ।

ପ୍ରଧାନମନ୍ତ୍ରୀ କହିଥିଲେ ଯେ ଦେଶର ଅନେକ ଭାଗରେ ଗ୍ରୀଷ୍ମ ଋତୁ ଆରମ୍ଭ ହେବା ସହିତ ଜଳ ସଂରକ୍ଷଣ ପ୍ରତିବଦ୍ଧତାକୁ ନବୀକରଣ କରିବାର ସମୟ ଆସିଛି। ସେ କହିଥିଲେ, ଗତ ୧୧ ବର୍ଷ ମଧ୍ୟରେ 'ଜଳ ସଞ୍ଚୟ ଅଭିଯାନ' ଲୋକମାନଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରିଛି। ଏହି ଅଭିଯାନ ଅଧୀନରେ ସାରା ଦେଶରେ ପ୍ରାୟ ୫୦ ଲକ୍ଷ କୃତ୍ରିମ ଜଳ ଅମଳ ଢାଞ୍ଚା ସୃଷ୍ଟି କରାଯାଇଛି।

ପ୍ରଧାନମନ୍ତ୍ରୀ ଏହା ମଧ୍ୟ ଉଲ୍ଲେଖ କରିଥିଲେ ଯେ ତାଙ୍କ ସରକାର ମତ୍ସ୍ୟଜୀବୀମାନଙ୍କ ଜୀବନକୁ ସହଜ କରିବା ପାଇଁ ପଦକ୍ଷେପ ନେଉଛନ୍ତି। ସେ କହିଥିଲେ ମତ୍ସ୍ୟଜୀବୀମାନେ କେବଳ ସମୁଦ୍ରର ଯୋଦ୍ଧା ନୁହନ୍ତି, ବରଂ ଆତ୍ମନିର୍ଭରଶୀଳ ଭାରତ ଗଠନ ପାଇଁ ସୁଦୃଢ଼ ଭିତ୍ତିଭୂମି।

ପ୍ରଧାନମନ୍ତ୍ରୀ ଓଡ଼ିଶାର ସମ୍ବଲପୁରର ସୁଜାତା ଭୁୟାଁଙ୍କ ଉଦାହରଣ ଦେଇ କହିଥିଲେ ହୀରାକୁଦ ଜଳଭଣ୍ଡାରରେ ସେ  ମାଛ ଚାଷ ଆରମ୍ଭ କରିଥିଲେ। ମାତ୍ର ଦୁଇ–ତିନି ବର୍ଷ ମଧ୍ୟରେ ତାଙ୍କ ପ୍ରୟାସକୁ ଏକ ସମୃଦ୍ଧ ବ୍ୟବସାୟରେ ପରିଣତ କରିଥିବାରୁ ପ୍ରଧାନମନ୍ତ୍ରୀ ତାଙ୍କର ପ୍ରଶଂସା କରିଥିଲେ।

'ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ମୁକ୍ତ ବିଜୁଳି' ଯୋଜନାର ପ୍ରଭାବ ଦେଶର ପ୍ରତ୍ୟେକ କୋଣରେ ଦେଖିବାକୁ ମିଳୁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ବିଶେଷ କରି ଏହା ଉତ୍ତର-ପୂର୍ବର ଅନେକ ଅଞ୍ଚଳକୁ ଲାଭାନ୍ୱିତ କରୁଛି ବୋଲି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ତି। ଶେଷରେ ପ୍ରଧାନମନ୍ତ୍ରୀ ଲୋକମାନଙ୍କୁ ସେମାନଙ୍କ ଆଖପାଖର ପ୍ରେରଣାଦାୟୀ କାହାଣୀ ବାଣ୍ଟିବା ପାଇଁ ଅନୁରୋଧ କରିଥିଲେ।

## ପି.ଏମ୍. - ପାଲାକାଡ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି କେରଳର ପାଲାକାଡ୍ ଅନ୍ତର୍ଗତ କୋଟ୍ଟା ମଇଦାନମ୍‌ଠାରେ ଏକ ସାଧାରଣ ସଭାରେ ଉଦ୍‌ବୋଧନ ଦେଇଛନ୍ତି ।

ପ୍ରଧାନମନ୍ତ୍ରୀ ସେଠାରେ ପହଞ୍ଚିବା ପରେ ଶ୍ରୀ ମୋଦି ସମର୍ଥକମାନଙ୍କ ଗହଣରେ ମିଶନ୍ ସ୍କୁଲ୍ ଜଙ୍କ୍ସନ୍‌ରୁ ଏସ୍.ବି.ଆଇ. ଜଙ୍କସନ୍ ପର୍ଯ୍ୟନ୍ତ ଯାତ୍ରା କରିଥିଲେ । ଫୋର୍ଟ ମଇଥାନ୍‌ଠାରେ ଆୟୋଜିତ ଆୟୋଜିତ ନିର୍ବାଚନୀ ସଭାରେ ଶ୍ରୀ ମୋଦି ପ୍ରାୟ ଏକଘଣ୍ଟା ସମୟ ଅତିବାହିତ କରିଥିଲେ ଏବଂ ଦଳୀୟ କର୍ମୀ ଏବଂ କାଲାକାଡ଼ ଜିଲ୍ଲାରେ ଏନ୍.ଡି.ଏ. ପ୍ରାର୍ଥୀମାନଙ୍କ ସହ ମତ ବିନିମୟ କରିଥିଲେ । ଶ୍ରୀ ମୋଦି କେନ୍ଦ୍ର ସରକାରଙ୍କ ବିଭିନ୍ନ ବିକାଶମୂଳକ ସଫଳତା କାର୍ଯ୍ୟ ସମ୍ପର୍କରେ ଗୁରୁତ୍ୱ ପ୍ରଦାନ କରିଥିଲେ । କେରଳର ବିକାଶ ଦିଗରେ କେରଳବାସୀଙ୍କ ସମର୍ଥନକୁ ପ୍ରଶଂସା କରିଥିଲେ ।

***Voice (PM - Kerala)*** :...........

ପାଲାକାଡ଼ଠାରେ ଜାରି ରହିଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ବୈଠକ ପରେ ପ୍ରଧାନମନ୍ତ୍ରୀ ତ୍ରିଶୂର ଅଭିମୁଖେ ଯାତ୍ରା କରି ସେଠାରେ ଆୟୋଜିତ ର୍ୟାଲିରେ ଯୋଗ ଦେଇଛନ୍ତି ।

## ଅମିତ ଶାହା – ଆସାମ ଇଲେକ୍‌ସନ୍

ବରିଷ୍ଠ ବି.ଜେ.ପି. ନେତା ଅମିତ ଶାହା କହିଛନ୍ତି, ଆସାମରେ ଅବୈଧ ବସବାସ କରୁଥିବା ନାଗରିକଙ୍କ ପ୍ରବେଶକୁ ବି.ଜେ.ପି. ବନ୍ଦ କରିଛି ଏବଂ ଆସନ୍ତା ୫ ବର୍ଷ ମଧ୍ୟରେ ସେମାନଙ୍କୁ ବହିଷ୍କାର କରିବା ଲାଗି କାର୍ଯ୍ୟ କରିବ ।

ଆସାମର ସୋନିତପୁର ଜିଲ୍ଲା ଢେକିଆଜୁଲିଠାରେ ଆଜି ଅପରାହ୍ଣରେ ଆୟୋଜିତ ନିର୍ବାଚନ ର୍ୟାଲିରେ ଉଦ୍‌ବୋଧନ ଦେଇ ଶ୍ରୀ ଶାହା’ ରାଜ୍ୟରେ ବି.ଜେ.ପି. ସରକାରଙ୍କ ସଫଳତା ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଗତ ୧୦ ବର୍ଷ ମଧ୍ୟରେ ଆସାମକୁ ଉଗ୍ରବାଦମୁକ୍ତ କରାଯାଇପାରିଛି । ଫଳରେ ରାଜ୍ୟରେ ଶାନ୍ତି ପ୍ରତିଷ୍ଠା ହେବା ସହ ନୂତନ ସୁଯୋଗ ସୃଷ୍ଟି ହୋଇପାରିଛି ବୋଲି ଶ୍ରୀ ଶାହା କହିଛନ୍ତି ।

***Voice (Shah_*** :.......

କଂଗ୍ରେସ ଶାସନକାଳ ମଧ୍ୟରେ ରାଜ୍ୟରେ ଆଇନ ଶୃଙ୍ଖଳା ରକ୍ଷାକରିବା ଦିଗରେ ବିଫଳ ହୋଇଥିଲା । ସେଥିରେ ବହୁସଂଖ୍ୟକ ଯୁବକ ପ୍ରାଣ ହରାଇଥିଲେ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ ସମ୍ପର୍କରେ ମତାମତ ଦେଇ ଶ୍ରୀ ଶାହା କହିଛନ୍ତି, ଏହି ଅଞ୍ଚଳରେ ସ୍ଥିରତା ବଜାୟ ରଖିବା ଲାଗି ଅନେକ ଶାନ୍ତି ଚୁକ୍ତି ସ୍ୱାକ୍ଷରିତ ହୋଇଛି । ଆସାମରେ ବି.ଜେ.ପି.ର ଶାସନକାଳ ମଧ୍ୟରେ ବିଭିନ୍ନ ବିକାଶମୂଳକ ଏବଂ ଜନମଙ୍ଗଳକାରୀ ପଦକ୍ଷେପ କାର୍ଯ୍ୟକାରୀ ହୋଇଛି ବୋଲି ଶ୍ରୀ ଶାହା କହିଛନ୍ତି । ସୋନିତ୍‌ପୁର ନିର୍ବାଚନ ମଣ୍ଡଳୀର ବି.ଜେ.ପି ପକ୍ଷରୁ ବର୍ତ୍ତମାନ ବିଧାୟକ ଥିବା ଅଶୋକ ସିଂଘାଲ୍‌ଙ୍କୁ ପ୍ରାର୍ଥୀ କରାଯାଇଛି ।

# ଟି.ଏନ୍. ଆସେମ୍ବ୍ଲି ପୋଲ୍

ତାମିଲନାଡୁରେ ଚଳଚ୍ଚିତ୍ର ଅଭିନେତା ତଥା ରାଜନୀତିଜ୍ଞ ବିଜୟଙ୍କଦ୍ୱାରା ଗଠିତ ତାମିଲାଗା ଭେଣ୍ଟ୍ରି କାଝାଗମ୍ ଦଳ ପ୍ରଥମ ଥରପାଇଁ ରାଜ୍ୟ ବିଧାନସଭା ନିର୍ବାଚନ ଲଢ଼ିବ । ବିଜୟଙ୍କ ପକ୍ଷରୁ ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି । ପ୍ରଥମ ଥରପାଇଁ ଏହି ଦଳ ପକ୍ଷରୁ ନିର୍ବାଚନ ଲଢୁଥିବା ପ୍ରାର୍ଥୀଙ୍କ ନାମ ସେ ଘୋଷଣା କରିଛନ୍ତି । ବିଜୟ ତାମିଲନାଡୁର ୨ଟି ଆସନ ପେରାମ୍ବୁର ଏବଂ ତ୍ରିଚି ଇଷ୍ଟରୁ ପ୍ରତିଦ୍ୱନ୍ଦ୍ୱିତା କରିବେ । ତାମିଲନାଡୁରେ ଏକକ ପର୍ଯ୍ୟାୟ ନିର୍ବାଚନପାଇଁ ପ୍ରାର୍ଥୀପତ୍ର ଦାଖଲ ପ୍ରକ୍ରିୟା ଆସନ୍ତାକାଲିଠାରୁ ଏପ୍ରିଲ୍ ୬ ତାରିଖ ପର୍ଯ୍ୟନ୍ତ ଜାରି ରହିବ । ଆସନ୍ତା ମାସ ୭ ତାରିଖରେ ପ୍ରାର୍ଥୀପତ୍ରଗୁଡ଼ିକ ଯାଞ୍ଚ୍ କରାଯିବ ଏବଂ ୯ ତାରିଖ ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ଦିନ ଧାର୍ଯ୍ୟ କରାଯାଇଛି । ଏପ୍ରିଲ୍ ୨୩ ତାରିଖରେ ଭୋଟ୍ଗ୍ରହଣ ହେବ ଏବଂ ମେ ୪ ତାରିଖରେ ଭୋଟଗଣନା କରାଯିବ ।

# ୱେଷ୍ଟ ଏସିଆ – ଡେଲି ବ୍ରିଫିଂ

ଦେଶର ସମସ୍ତ ପ୍ରଟ୍ରୋଲ୍ପମ୍ପରେ ପେଟ୍ରୋଲ୍ ଓ ଡିଜେଲ୍ ପର୍ଯ୍ୟାପ୍ତ ପରିମାଣରେ ମହଜୁଦ ରହିଛି ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି ।

ଜନସାଧାରଣ ପଟ୍ରୋଲ୍‌ଜାତ ସାମଗ୍ରୀର ସଙ୍କଟ ନେଇ ସୃଷ୍ଟି ହେଉଥିବା ଗୁଜବରେ ବିଶ୍ୱାସ ନ କରିବାପାଇଁ ସରକାରଙ୍କ ପକ୍ଷରୁ ପରାମର୍ଶ ଦିଆଯାଇଛି । ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ଗ୍ରାହକମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି ପେଟ୍ରୋଲ୍ ଓ ଡିଜେଲ୍ ଉପରେ ଉତ୍ପାଦ ଶୁଳ୍କ ଲିଟର ପିଛା ୧୦ ଟଙ୍କା ହ୍ରାସ କରାଯାଇଛି । ସେହିପରି ଘରୋଇ ଉପଲବ୍ଧତାକୁ ସୁନିଶ୍ଚିତ କରିବା ଲାଗି ବିମାନ ଇନ୍ଧନ ଉପରେ ରପ୍ତାନୀ ଶୁଳ୍କ ଲାଗୁ କରାଯାଇଛି । ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ଘରୋଇ ଏଲ୍.ପି.ଜି. ଯୋଗାଣ ସ୍ୱାଭାବିକ ରହିଛି । ଦୈନିକ ୫୫ ଲକ୍ଷ ସିଲିଣ୍ଡର ହିତାଧିକାରୀମାନଙ୍କୁ ଯୋଗାଇ ଦିଆଯାଉଛି । ସେହିପରି ବ୍ୟାବସାୟିକ ଏଲ୍.ପି.ଜି. ଯୋଗାଣ ୭୦ ପ୍ରତିଶତ ବୃଦ୍ଧି କରାଯାଇଛି ।

ବନ୍ଦର, ଜାହାଜ ଏବଂ ଜଳପଥ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ଭାରତୀୟ ନାବିକମାନେ ସୁରକ୍ଷିତ ଅଛନ୍ତି । ଗତ ୨୪ ଘଣ୍ଟା ମଧ୍ୟରେ କୌଣସି ଅପ୍ରୀତିକର ଘଟଣା ଘଟି ନ ଥିବା ସୂଚନା ମିଳିଛି । ଉପସାଗରୀୟ ଅଞ୍ଚଳରେ ୧୮ଟି ଭାରତୀୟ ଜାହାଜ ସୁରକ୍ଷିତ ଭାବେ ଯାତ୍ରା କରୁଛି ଏବଂ ଇତିମଧ୍ୟରେ ୯ ଜଣ ନାବିକ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଛନ୍ତି ।

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ଗତ ଫେବୃୟାରୀ ମାସ ୨୮ ତାରିଖ ପରଠାରୁ ୫ ଲକ୍ଷ ୨୪ ହଜାର ଲୋକ ସୁରକ୍ଷିତ ଭାବେ ଭାରତ ପ୍ରତ୍ୟାବର୍ତ୍ତନ କରିଛନ୍ତି ।

## ଆଫଗାନିସ୍ତାନ - ଫ୍ଲଡ୍

ଆଫଗାନିସ୍ତାନର କେତେକ ସ୍ଥାନରେ ଗତ ୨୪ ଘଣ୍ଟା ମଧ୍ୟରେ ବନ୍ୟା, ଭୂସ୍ଖଳନ ଏବଂ ଘଡ଼ଘଡ଼ି ସହ ବର୍ଷା କାରଣରୁ ୧୭ ଜଣଙ୍କର ମୃତ୍ୟୁ ହେବା ସହ ୨୬ ଜଣ ଆହତ ହୋଇଛନ୍ତି । ଆଫଗାନିସ୍ତାନର ୩୪ଟି ପ୍ରଦେଶ ମଧ୍ୟରୁ ୧୩ଟି ପ୍ରଦେଶ ମୁଖ୍ୟତଃ ପଶ୍ଚିମାଞ୍ଚଳ, କେନ୍ଦ୍ରାଞ୍ଚଳ ଏବଂ ଉତ୍ତର-ପଶ୍ଚିମାଞ୍ଚଳ ପ୍ରଭାବିତ ହୋଇଛି । ବନ୍ୟା ଯୋଗୁଁ କୃଷି ଏବଂ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକ ଅନେକାଂଶରେ କ୍ଷତିଗ୍ରସ୍ତ ହୋଇଛି । ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ପକ୍ଷରୁ କ୍ଷତିଗ୍ରସ୍ତ ଅଞ୍ଚଳର ସର୍ଭେ କରାଯାଉଛି ଏବଂ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବାର ସମ୍ଭାବନା ଥିବା ସୂଚନା ଦିଆଯାଇଛି ।

## ନେପାଳ ମିନିଷ୍ଟର ଆରେଷ୍ଟ

ନେପାଳୀ କଂଗ୍ରେସ ନେତା ତଥା ପୂର୍ବତନ ମନ୍ତ୍ରୀ ଦୀପକ ଖାଡ୍‌କା ଗିରଫ ହୋଇଛନ୍ତି । ନେପାଳ ପୁଲିସର କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ ପକ୍ଷରୁ ଆଜି ସକାଳେ ଖାଡ୍‌କାଙ୍କୁ ଗିରଫ କରାଯାଇଥିଲା । କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ ମୁଖ୍ୟ ମନୋଜ କେ.ସି. କହିଛନ୍ତି, ବେଆଇନ କଳାଧନ ମାମଲାରେ ଖାଡ୍‌କାଙ୍କୁ ବୁଢ଼ାନୀଳକଣ୍ଠରୁ ତଦନ୍ତପାଇଁ ପୁଲିସ ହେପାଜତକୁ ନିଆଯାଇଛି ।

# ଆଇ.ପି.ଏଲ୍.

ଇଣ୍ଡିଆନ୍ ପ୍ରିମିୟର ଲିଗ୍ - ଆଇ.ପି.ଏଲ୍. କ୍ରିକେଟ୍‌ର ଊନବିଂଶ ସଂସ୍କରଣର ଦ୍ୱିତୀୟ ମ୍ୟାଚ୍ ଆଜି ମୁମ୍ବାଇର ଓ୍ୱାଙ୍ଖେଡ୍ ଷ୍ଟାଡିୟମ୍‌ରେ କୋଲକାତା ନାଇଟ୍ ରାଇଡର୍ସ ଏବଂ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ଆଉ କିଛି ସମୟ ପରେ ଆରମ୍ଭ ହେବ । ମୁମ୍ବାଇ ଇଣ୍ଡିଆନ୍ସ ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି ।

*****